ଧରିତ୍ରୀ
DHARITRI

ମନ ମିଜାଜ

ଗୁରୁବାର, ୩୦ ଅଗଷ୍ଟ, ୨୦୧୮

# ଓଡ଼ିଶାର କ୍ରାଉନ୍ କୁଇନ୍



ଫ୍ୟାଶନ କ୍ଷେତ୍ରରେ ଧୀରେ ଧୀରେ ଆଗକୁ ବଢୁଛି ଓଡ଼ିଶା। ଅନ୍ତର୍ଜାତୀୟସ୍ତରୀୟ ଫ୍ୟାଶନ ୱିକ୍ ଏବଂ ର୍ୟାମ୍ପରେ ଭାରତୀୟ ଡିଜାଇନର୍ ଓ ମଡେଲମାନଙ୍କ ପ୍ରଭାବ ବଢୁଥିବା ବେଳେ ଏଥିରୁ ବାଦ୍ ପଡୁନାହାନ୍ତି ଓଡ଼ିଆ ଫ୍ୟାଶନ ଡିଜାଇନର୍ ଓ ମଡେଲ। ନିକଟରେ ରାଜ୍ୟରୁ ଏକାଧିକ ପ୍ରତିଭା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ବ୍ୟୁଟି କଣ୍ଟେଷ୍ଟରୁ ଆରମ୍ଭକରି ମଡେଲିଂ ଓ ଫ୍ୟାଶନ ଡିଜାଇନିଂ, ସବୁକ୍ଷେତ୍ରରେ ଓଡ଼ିଶାକୁ ମିଳୁଛି ସଫଳତା। ବିଶେଷକରି ୨୦୧୭ ଓ ୨୦୧୮ରେ ଓଡ଼ିଶାର ବ୍ୟୁଟି କୁଇନ୍ ଏବଂ ମଡେଲମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବ୍ୟୁଟି ପାଜେଣ୍ଟରେ ଏକାଧିକ କ୍ରାଉନ୍ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। କାନାଡାର ଟରଣ୍ଟୋ ସହରରେ ରହୁଥିବା ଓଡ଼ିଆ ଯୁବତୀ ନିକିତା ଗନ୍ତାୟତ 'ମିସ୍ ସାଉଥ୍ ଏସିଆ କାନାଡା-୨୦୧୭' ପ୍ରତିଯୋଗିତାରେ ସମସ୍ତଙ୍କୁ ପଛରେ ପକାଇ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ପ୍ରଥମଥର ପାଇଁ 'ଦି ଗ୍ରେଟ୍ ପାଜେଣ୍ଟ କମ୍ୟୁନିଟି ୨୦୧୭'(ଟିଜିପିସି)ରେ ୪ ଓଡ଼ିଆ ମଡେଲ୍ ନିଜ ସ୍ଥାନ ସଂରକ୍ଷିତ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ପ୍ରତିଭାମାନଙ୍କ ପାଇଁ ଆଜି କେବଳ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଭାଙ୍କ ତାଲିକା ଲମ୍ବିବାରେ ଲାଗିନି, ବରଂ ଓଡ଼ିଶାବାସୀ ଗର୍ବର ସହ ନିଜ ରାଜ୍ୟକୁ ବର୍ଣ୍ଣନା କରିପାରୁଛନ୍ତି।

ପୃ ୭



## ମିସ୍ ଟିନ୍ ଇଣ୍ଟରନ୍ୟାଶନାଲରେ ମୈତ୍ରୀଙ୍କୁ ୨ ଟାଇଟଲ

ବ୍ୟାଙ୍କକ୍‌ରେ ଅନୁଷ୍ଠିତ 'ମିସ୍ ଟିନ୍ ଇଣ୍ଟରନ୍ୟାଶନାଲ-୨୦୧୮'ରେ ଦୁଇ ଦୁଇଟି ଟାଇଟଲ ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିଲେ ଭୁବନେଶ୍ୱରର ମୈତ୍ରୀ ମୋନାଲି ପ୍ରଧାନ। କେବଳ ଏତିକି ନୁହେଁ, ପୂର୍ବରୁ ୨୦୧୬ରେ କିଟ୍ 'ନହ୍ନିପରୀ-ଲିଟିଲ୍ ମିସ୍ ଇଣ୍ଡିଆ' ଟାଇଟଲ ଜିତି ସେ ଜାତୀୟସ୍ତରରେ ନିଜ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଖାଇଥିଲେ। ନିଜର ଦୃଢ ଆତ୍ମବିଶ୍ୱାସ ସହ ସୌନ୍ଦର୍ଯ୍ୟ ଓ ବୁଦ୍ଧିମତ୍ତା ପାଇଁ ଏହି ସଫଳତା ହାସଲ କରିଥିବା ମୋନାଲି ଷ୍ଟାଣ୍ଡାର୍ଡ ୫ରୁ ମଡେଲିଂ କରିବା ଆରମ୍ଭ କରିଥିଲେ। ଏଫ୍‌ବିବି ରୂପଶ୍ରୀ ରଜ, ଟ୍ରେଣ୍ଡ୍ସ ଫ୍ୟାଶନ ଆଇକନ୍ ଭଳି ଏକାଧିକ ପ୍ଲାଟଫର୍ମରେ ମଧ ପୂର୍ବରୁ ସେ ନିଜର କରିସ୍ମା ଦେଖାଇଛନ୍ତି। ଏହାସହ ନିକଟରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଅନୁଷ୍ଠିତ 'ମାତୃତ୍ୱ-୨୦୧୮'ରେ ସେ ଟାଇଟଲ ବିଜୟିନୀ ହୋଇଥିଲେ। ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ବର୍ତ୍ତମାନ କ୍ଲାସ୍ ୧୧ରେ ପଢୁଥିବା ମୋନାଲି ଆଗକୁ ଯାଇ ଭାରତରେ ଏକ ବିଶ୍ୱସ୍ତରୀୟ ବ୍ୟୁଟି ପାଜେଣ୍ଟର ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ମୈତ୍ରୀ



ଆନି

## ଆନିଙ୍କୁ ମିସ୍ ଇଣ୍ଡିଆ ଏଲିଗାଣ୍ଟ ଟାଇଟଲ୍

ଓଡ଼ିଆ ଝିଅ ଆନି ପ୍ରିନ୍ସ ନାଗ୍ ସର୍ବଭାରତୀୟସ୍ତରରେ ଆୟୋଜିତ ସୌନ୍ଦର୍ଯ୍ୟ ପ୍ରତିଯୋଗିତା 'ମିସ୍ ଇଣ୍ଡିଆ ଏଲିଗାଣ୍ଟ-୨୦୧୭' ଟାଇଟଲ୍ ଜିତି ସମସ୍ତଙ୍କୁ ଚକିତ କରିଥିଲେ। କୋରାପୁଟ ଜିଲା ଜୟପୁର ଜନ୍ମିତ ଆନି ଜି ଫିଲ୍ମସ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ଅଂଶଗ୍ରହଣ କରିଥିବା ୨୧ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ଟାଇଟଲ ଜିତିଥିଲେ। ବେଙ୍ଗାଲୁରୁରେ ଅନୁଷ୍ଠିତ 'ମିସ୍ ଇଣ୍ଡିଆ ଏଲିଗାଣ୍ଟ-୨୦୧୭'ର ଫାଇନାଲକୁ ଉନ୍ନୀତ ହେବାରେ ମଧ ସେ ଏକମାତ୍ର ଓଡ଼ିଆ ଥିଲେ। ପୂର୍ବରୁ ୨୦୧୨ରେ 'ମିସ୍ ବାଙ୍ଗାଲୋର' ଟାଇଟଲ ଜିତି ସେ ଓଡ଼ିଶାର ଗାରିମାକୁ ବଢାଇଥିଲେ।

## ସ୍ୱପ୍ନା ପ୍ରିୟଦର୍ଶିନୀ


ଫେବୃୟାରୀରେ ମ୍ୟାନ୍‌ମାର୍‌ର ୟାଙ୍ଗନ୍‌ରେ ଅନୁଷ୍ଠିତ ମିସ୍ ଟୁରିଜିମ୍ ଆଣ୍ଡ କଲଚର୍ ୟୁନିଭର୍ସ-୨୦୧୮ରେ ଭାଗନେଇ ପ୍ରଥମଥରରେ ହିଁ ୩ୟ ରନର୍ସଅପ୍ ହୋଇଥିଲେ ଓଡ଼ିଆ ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ। ଢେଙ୍କାନାଳ ଜନ୍ମିତ ସ୍ୱପ୍ନା ସମଗ୍ର ବିଶ୍ୱରୁ ଅଂଶଗ୍ରହଣ କରିଥିବା ୩୦ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏଥିରେ ମିସ୍ ଫୋଟୋଜେନିକ୍ ଟାଇଟଲ୍ ମଧ ଜିତିଥିଲେ। ଏହାପୂର୍ବରୁ ସେ ମିସ୍ ଛତିଶଗଡ, ମିସ୍ ଟିନ୍ ଇଣ୍ଡିଆ ଏବଂ କିଟ୍ ନହ୍ନିପରୀ ଟାଇଟଲ ମଧ ଜିତିଛନ୍ତି।



ସ୍ୱପ୍ନା

# ଓଡ଼ିଶାର କ୍ରାଉନ୍ କୁଇନ୍

ପ୍ରଥମ ପୃଷ୍ଠାରୁ...


ଶ୍ରୁତୀକ୍ଷା


ତମନ୍ନା


ମୃଗାକ୍ଷୀ

## ମାଏରା ମୁନିଙ୍କୁ ଗ୍ୟାଲାକ୍ସି ଲିଟ୍‌ଲ ମିସ୍ ୱାର୍ଲଡ ଟାଇଟଲ

ଗତବର୍ଷ ପ୍ରଥମ ଭାରତୀୟଭାବେ 'ଗ୍ୟାଲାକ୍ସି ଲିଟିଲ ମିସ୍ ୱାର୍ଲଡ' ଟାଇଟଲ ଜିତି ରେକର୍ଡ ପ୍ରତିଷ୍ଠା କରିଥିଲେ ୫ବର୍ଷୀୟ ଓଡ଼ିଆ ଝିଅ ମାଏରା ମୁନି। ୟୁରୋପ ମହାଦେଶ ବୁଲଗେରିଆରେ ଅନୁଷ୍ଠିତ ହୋଇଥିବା ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୩୫ଟି ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ମାଏରା 'ମିସ୍ ଗ୍ୟାଲେକ୍ସି-୨୦୧୭'ର ମୁକୁଟ ପିନ୍ଧି ଦେଶ ଓ ରାଜ୍ୟ ପାଇଁ ଏହି ଗୌରବ ଆଣିଥିଲେ। କେବଳ ଏତିକି ନୁହେଁ, ମିସ୍ ଗ୍ୟାଲେକ୍ସି ଟାଇଟଲ ସହ ମାଏରା 'ମିସ୍ ଲିଟିଲ ଗ୍ୟାଲାକ୍ସି ଫ୍ୟାଶନ ଷ୍ଟାର୍' ଏବଂ 'ବେଷ୍ଟ ନ୍ୟାଶନାଲ କଷ୍ଟ୍ୟୁମ୍' ଆୱାର୍ଡ ମଧ ହାସଲ କରିବାରେ ସଫଳ ହୋଇଥିଲେ। ବାଙ୍ଗାଲୋରରେ ରହୁଥିବା ଗଞ୍ଜାମ ଜିଲା ହିଞ୍ଜିଳିକାଟୁର ମଳୟ ମୁନି ଏବଂ ଚଣ୍ଡିଗଡର ନନ୍ଦିନୀ ମୁନିଙ୍କ ଏକମାତ୍ର ଝିଅ ମାଏରା ବାଙ୍ଗାଲୋରରେ ଅନୁଷ୍ଠିତ ହୋଇଥିବା 'ଗ୍ୟାଲେକ୍ସି ଲିଟିଲ୍ ମିସ୍ ଇଣ୍ଡିଆ ୨୦୧୭' କ୍ରାଉନ୍ ଜିତି ସମସ୍ତଙ୍କୁ ଚକିତ କରିଥିଲେ।

## ପଦ୍ମାଳୟାଙ୍କୁ ୩ ମେଗା ଟାଇଟଲ

ମାତ୍ର ୧୨ବର୍ଷ ବୟସରେ ପୁରୀ ଜନ୍ମିତ ପଦ୍ମାଳୟା ନନ୍ଦ ଲିଟିଲ୍ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ତିନି ତିନିଟି ମେଗା ଟାଇଟଲ ଜିତି ସମଗ୍ର ଦେଶର ଭଲପାଇବା ସାଉଁଟିଥିଲେ। ୟୁରୋପର ଜର୍ଜିଆଠାରେ ଅନୁଷ୍ଠିତ ଏହି ପାଜେଣ୍ଟରେ ପଦ୍ମାଳୟା ଭାରତରୁ ପ୍ରତିନିଧିତ୍ୱ କରି ଲିଟିଲ ମିସ୍ ୟୁନିଭର୍ସ ଇଣ୍ଟରନେଟ ୨୦୧୭ ବିଜୟିନୀ ହୋଇଥିଲେ। ଏହାସହ ଲିଟିଲ୍ ମିସ୍ ୟୁନିଭର୍ସ ଗ୍ରାନ୍ ପ୍ରିକ୍ସ(ର୍‍ୟାମ୍ପରେ ଶ୍ରେଷ୍ଠ ପ୍ରଦର୍ଶନ) ଓ ଲିଟିଲ ମିସ୍ ଆକ୍ଟ୍ରେସ(ଯାହା ବେଷ୍ଟ ଟ୍ୟାଲେଣ୍ଟ ଅଫ୍ ଦି ୱାର୍ଲଡ୍ ଭାବେ ସୁପରିଚିତ)କୁ ମଧ ସେ ନିଜ ନାମରେ କରିଥିଲେ। କଟକ ଷ୍ଟୁଆର୍ଟ ସ୍କୁଲରେ ପଢୁଥିବା ପଦ୍ମାଳୟା ଗ୍ରୀସ୍‌ରେ ଅନୁଷ୍ଠିତ ହୋଇଥିବା 'ଲିଟିଲ୍ ମିସ୍ ୱାର୍ଲଡ' ପ୍ରତିଯୋଗିତାରେ ମଧ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ କେରଳର କୋଝିକୋଡ୍‌ଠାରେ ଅନୁଷ୍ଠିତ ଜୁନିୟର ମଡେଲ୍ ଇଣ୍ଟରନ୍ୟାଶନାଲ୍‌ରେ ମଧ ସମସ୍ତଙ୍କୁ ପଛରେ ପକାଇ ସେ କ୍ରାଉନ୍ ଜିତିଥିଲେ।

## ଲିଟିଲ୍ ମିସ୍ ୟୁନିଭର୍ସ ୨୦୧୮ରେ ମୃଗାକ୍ଷୀଙ୍କ କମାଲ

ପ୍ରଥମେ ଲିଟିଲ୍ ମିସ୍ ଗ୍ୟାଲାକ୍ସି ଟାଇଟଲ ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିବା ଓଡିଆ ଝିଅ ମୃଗାକ୍ଷୀ ଆର୍. କୁମାର ତୁର୍କୀରେ ଅନୁଷ୍ଠିତ ଲିଟିଲ୍ ମିସ୍ ୟୁନିଭର୍ସ ୨୦୧୮ରେ ଦୁଇ ଦୁଇଟି ଟାଇଟଲ ଜିତି ଦ୍ୱିତୀୟଥର ପାଇଁ ରାଜ୍ୟବାସୀଙ୍କୁ ଗୌରବାନ୍ୱିତ କରିଥିଲେ। ନିଜର ଦକ୍ଷତା, ସୌନ୍ଦର୍ଯ୍ୟ ଓ ବୁଦ୍ଧିମତା ବଳରେ ୬ବର୍ଷୀୟ ମୃଗାକ୍ଷୀ ଏହି ଅନ୍ତର୍ଜାତୀୟସ୍ତରୀୟ ପ୍ରତିଯୋଗିତାରେ 'ମିସ୍ ବଟରଫ୍ଲାଏ' ସହ 'ବେଷ୍ଟ ଇନ୍ ନ୍ୟାଶନାଲ କଷ୍ଟ୍ୟୁମ୍' ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟାଇଟଲ ଜିତିବାରେ ସଫଳ ହୋଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଷ୍ଟାଣ୍ଡାର୍ଡ ୧ରେ ପଢୁଥିବା କଟକ ଜନ୍ମିତ ମୃଗାକ୍ଷୀ ମିସ୍ ଭୁବନେଶ୍ୱର ଟାଇଟଲ ଜିତିବା ସହ ୩୭ଟି ଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ 'ଲିଟିଲ୍ ପ୍ରିନ୍ସେସ୍ ଅଫ୍ ଦି ୱାର୍ଲଡ' ପ୍ରତିଯୋଗିତା ପାଇଁ ସିଧା ଚୟନ ହୋଇଥିଲେ।


ପଦ୍ମାଳୟା


ମାଏରା

## ଶତାଭିସାଙ୍କୁ ପିପୁଲ୍ସ ଚଏସ୍ ଟାଇଟଲ

ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲ ପାଜେଣ୍ଟ ୨୦୧୮ର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଥିବା ଓଡ଼ିଆ ଝିଅ ଶତାଭିସା ଦାସ ପିପୁଲ୍ସ ଚଏସ୍ ଟାଇଟଲ ଜିତିବାରେ ସଫଳ ହୋଇଥିଲେ। ଗତ ମେ'ରେ କେରଳର କାଲିକଟ୍‌ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସଫଳତା ପାଇ ଶତାଭିସା ଚର୍ଚ୍ଚାକୁ ଆସିଥିଲେ। ଇଣ୍ଟରନ୍ୟାଶନାଲ ଚିଲ୍ଡ୍ରେନ୍ସ ଆର୍ଟ ଟ୍ୟାଲେଣ୍ଟ ଆଣ୍ଡ ଫ୍ୟାଶନ ଫେଷ୍ଟିଭାଲ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୪୪ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇଥିଲେ ଶତାଭିସା। ଏହାସହ ସେ ଫିଲିପାଇନ୍ସରେ ଅନୁଷ୍ଠିତ ହେବାକୁ ଥିବା ୱାର୍ଲଡ ଟୁରିଜିମ୍ ଫେଷ୍ଟିଭାଲ ୨୦୧୮ରେ ଭାରତରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ କ୍ଲାସ୍ ୬ରେ ପଢୁଥିବା ୧୧ ବର୍ଷୀୟ ଶତାଭିସା ଜୁନିୟର ମଡେଲ ଇଣ୍ଟରନ୍ୟାଶନାଲରେ ସମଗ୍ର ଦେଶର ୮୨୦ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମେ ସେମିଫାଇନାଲ ଏବଂ ପରେ ଫାଇନାଲକୁ ଉନ୍ନୀତ ହୋଇଥିଲେ।

## ଫେମିନା ମିସ୍ ଇଣ୍ଡିଆ ଟପ୍ ୧୨ରେ ଶ୍ରୁତୀକ୍ଷା

ଫେମିନା ମିସ୍ ଇଣ୍ଡିଆର ଇଷ୍ଟ ଜୋନାଲ କ୍ରାଉନିଂ ପ୍ରତିଯୋଗିତାରେ ଓଡିଶାରୁ ଶ୍ରେଷ୍ଠ ବିବେଚିତ ହୋଇ ମିସ୍ ଇଣ୍ଡିଆ ଓଡିଶା ଟାଇଟଲ୍ ହାସଲ କରିଥିବା ଶ୍ରୁତୀକ୍ଷା ନାୟକ ପ୍ରତିଯୋଗିତାର ଶ୍ରେଷ୍ଠ ୧୨ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଫେମିନା ମିସ୍ ଇଣ୍ଡିଆର ଗ୍ରାଣ୍ଡ ଫିନାଲେରେ ଶ୍ରୁତୀକ୍ଷା ନିଜର ଦୃଢ ଆତ୍ମବିଶ୍ୱାସ, ପ୍ରତିଭା ଏବଂ ସୌନ୍ଦର୍ଯ୍ୟ ବଳରେ ଟପ୍ ୧୨ରେ ନିଜ ସ୍ଥାନ ସୁରକ୍ଷିତ ରଖି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଏହାସହ ନିଜର ଆକର୍ଷଣୀୟ ହସ ପାଇଁ 'ମିସ୍ ବିଉଟିଫୁଲ୍ ସ୍ମାଇଲ୍' କାଟେଗୋରୀରେ ଶ୍ରେଷ୍ଠ ୫ଜଣଙ୍କ ମଧ୍ୟରେ ଥିଲେ ଭୁବନେଶ୍ୱରର ଏହି ୨୨ବର୍ଷୀୟ ସୁନ୍ଦରୀ। କିଟ୍ ୟୁନିଭର୍ସିଟିରେ ମାସ୍ କମ୍ୟୁନିକେଶନ ଜର୍ନାଲିଜିମ୍ ଅଧ୍ୟୟନ କରୁଥିବା ଶ୍ରୁତୀକ୍ଷା ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବ୍ୟୁଟି ପାଜେଣ୍ଟରେ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଛନ୍ତି।


ରତୁ

## ତମନ୍ନାଙ୍କୁ ମିସ୍ ପପୁଲାର ଚଏସ୍ ଟାଇଟଲ୍

ଓଡ଼ିଶାର ଜଣାଶୁଣା ଅଭିନେତ୍ରୀ ତଥା ମଡେଲ ତମନ୍ନା ବ୍ୟାସ ନିକଟରେ ଅନୁଷ୍ଠିତ ବ୍ୟୁଟି ପାଜେଣ୍ଟ 'ମିସ୍ ଡିଭା ୨୦୧୮'ରେ ଶ୍ରେଷ୍ଠ ୫ଜଣଙ୍କ ମଧ୍ୟରେ ସ୍ଥାନପାଇଥିଲେ। କେବଳ ଏତିକି ନୁହେଁ, ନିଜର ପ୍ରତିଭା, ଦକ୍ଷତା ଏବଂ ପ୍ରଶଂସକଙ୍କ ଭୋଟ୍ ବଳରେ ତମନ୍ନା 'ମିସ୍ ପପୁଲାର ଚଏସ୍' ଟାଇଟଲ୍ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ମିସ୍ ଡିଭା ଅର୍ଗାନାଇଜେଶନ ଦ୍ୱାରା ଆୟୋଜିତ 'ମିସ୍ ଡିଭା ୨୦୧୮'ରେ ଦେଶର ବିଭିନ୍ନ ପ୍ରାନ୍ତରୁ ଅଂଶଗ୍ରହଣ କରିଥିବା ୧୪୭ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ତମନ୍ନା ଆଗଧାଡ଼ିରେ ସ୍ଥାନ ପାଇଥିଲେ।

## ଓଡ଼ିଆ ଝିଅଙ୍କୁ ଡେଲିଉଡ୍ ମିସ୍ ଇଣ୍ଡିଆ ଟାଇଟଲ

ଦିଲ୍ଲୀରେ ଅନୁଷ୍ଠିତ ଡେଲିଉଡ୍ ମିଷ୍ଟର-ମିସେସ୍ ଏବଂ ମିସ୍ ଇଣ୍ଡିଆ ପ୍ରତିଯୋଗିତା-୨୦୧୮ରେ କଟକ ଜନ୍ମିତ ରତୁ ସନ୍ତୁକା ଡେଲିଉଡ୍ ମିସ୍ ଇଣ୍ଡିଆ ଟାଇଟଲ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ସମଗ୍ର ଦେଶରୁ ଅଂଶଗ୍ରହଣ କରିଥିବା ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ପଛରେ ପକାଇ ରତୁ ଏହି ଟାଇଟଲ ଜିତିଥିଲେ। ଏହାସହ ସେ 'ମୋଷ୍ଟ ଇଣ୍ଟରନ୍ୟାଶନାଲ ଲୁକ୍', 'ମୋଷ୍ଟ ବ୍ୟୁଟିଫୁଲ୍' ଏବଂ 'ଡେଲିଉଡ୍ ମିସ୍ ଓଡ଼ିଶା ଟାଇଟଲ' ମଧ ଜିତିଥିଲେ। ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ପଢୁଥିବା ରତୁ ନିଜ ସୌନ୍ଦର୍ଯ୍ୟ ଓ ବୁଦ୍ଧିମତା ବଳରେ କେବଳ ରାଜ୍ୟ ପର୍ଯ୍ୟାୟରେ ନୁହେଁ, ବରଂ ଗ୍ରାଣ୍ଡ ଫିନାଲେରେ ମଧ କରିସ୍ମା ଦେଖାଇଥିଲେ।


ଶତାଭିସା

– ରିପୋର୍ଟ: ସସ୍ମିତା ପାଇକରାୟ – ଫଟୋ: ବିକାଶ ନାୟକ



## ମୋ ଅନୁଭୂତି

ଅଭିନେତା, ନିର୍ଦ୍ଦେଶକ ତଥା ମଡେଲ: ଶ୍ରୀତମ ଦାସ

ଜନ୍ମ: ନଭେମ୍ବର ୧୮

ବର୍ତ୍ତମାନର ଠିକଣା: କଟକ

# ରୋପ୍‌ୱେ ଛିଡ଼ିଯିବାରୁ ୨ଘଣ୍ଟା ଝୁଲି ରହିଥିଲି

ସଫଳତା: ରାମ ଲକ୍ଷ୍ମଣ, ସନ୍ତାନ, ବାବୁ ପର୍ଶୁରାମ, ଜୀବନସାଥୀ, ରଙ୍ଗ ନମ୍ବର, ବାହୁଡ଼ିବେ ମୋ ଜଗାବଳିଆ ଭଳି ୬୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ। ୮୦ରୁ ଊର୍ଦ୍ଧ୍ୱ ଆଲବମ୍‌ରେ ଅଭିନୟ, ୨ ଫିଲ୍ମରେ ନିର୍ଦ୍ଦେଶନା, ରିଲିଜ୍ ଅପେକ୍ଷାରେ 'ପ୍ରେମ ପାଇଁ ମହାଭାରତ', 'ସାଥୀ ତୁ ଫେରି ଆ', 'ଫେସବୁକ୍' ଏବଂ 'ଆଣ୍ଟି ନମସ୍କାର'।

ଓଲିଉଡ୍ ଜଗତର ଜଣେ ଜଣାଶୁଣା ଚେହେରା ହେଉଛନ୍ତି ଶ୍ରୀତମ ଦାସ। ଏକାଧାରରେ ଅଭିନେତା, ନିର୍ଦ୍ଦେଶକ ଏବଂ ମଡେଲ୍ ଭାବେ ଲୋକଙ୍କ ହୃଦୟରେ ରାଜ୍ କରୁଥିବା ଶ୍ରୀତମ ପିଲାଦିନୁ ଗ୍ଲାମର ଦୁନିଆ ପ୍ରତି ଆକର୍ଷିତ ଥିଲେ। ତେଣୁ ସ୍କୁଲ, କଲେଜରେ ପଢିବା ସମୟରେ ଡ୍ରାମା ଏବଂ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଉଥିଲେ। ଧୀରେ ଧୀରେ ଏହା ଏକ ଧାରାରେ ପରିଣତ ହୋଇଥିଲା। ଜଣେ ବନ୍ଧୁଙ୍କ ସହାୟତାରେ ନିଜର ପ୍ରୋଫାଇଲ୍ ତିଆରି କରିବା ପରେ ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କ ପାଖରେ ପହଞ୍ଚିଥିଲେ। ପ୍ରଥମେ ସେ କେତେଗୁଡିଏ ଆଲବମ୍‌ରେ ମଧ୍ୟ ଅଭିନୟ କରିଥିଲେ। ସେଥିମଧ୍ୟରୁ 'ତୁ ଚାଲୁଥିଲୁ ତୋ ବାଟରେ', 'କେତେ ଦିନ ମୁହଁ ପୋତି ବାଟ ଚାଲୁଥିବ', 'ଯଉବନ ସାଗରରେ', 'ହାଏ ହାଏ ତୋ ମଲ୍ଲୀଫୁଲ ଗଜରା' ବହୁତ ହିଟ୍ ହୋଇଥିଲା। ପ୍ରଥମେ ୧୯୯୫ରେ 'ସାବିତ୍ରୀ' ଚଳଚ୍ଚିତ୍ର ମାଧ୍ୟରେ ସେ ବଡ଼ପରଦାକୁ ଆସିଥିଲେ। ଏହାପରେ ତାଙ୍କର ଷ୍ଟ୍ରଗଲ ଆରମ୍ଭ ହୋଇଥିଲା। ଫିଲ୍ମରେ ଅଭିନୟ କରିବା ପାଇଁ ତାଙ୍କୁ ନୃତ୍ୟ, ଫାଇଟ୍ ମଧ୍ୟ ଶିଖିବାକୁ ପଡିଥିଲା। ପ୍ରଥମେ ଆଲବମ୍ ତା' ପରେ ଫିଲ୍ମରେ ଅଭିନୟ ଏବଂ ଅଭିନେତାରୁ ନିର୍ଦ୍ଦେଶକ ପାଲଟିଥିଲେ। ନାୟକ ଏବଂ ଖଳନାୟକ ଉଭୟ ଭୂମିକାରେ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିବା ଏହି କଳାକାର ତାଙ୍କ ଜୀବନର ଏକ ଅଭୁଲା ସ୍ମୃତି ସମ୍ପର୍କରେ କହିଛନ୍ତି ଆମ ଆଗରେ।

୨୦୦୦ ମସିହାର କଥା। ଚଳଚ୍ଚିତ୍ର 'ଜନ୍ମଦାତା'ର ଗୀତ ଶୁଟିଂ ପାଇଁ ଆମେ ନନ୍ଦନକାନନ ଯାଇଥାଉ। ସେତେବେଳେ ନନ୍ଦନକାନନରେ ରୋପ୍‌ୱେ ଚାଲୁଥିଲା। ରୋପ୍‌ୱେରେ ଗୀତର କିଛି ଅଂଶ ଶୁଟିଂ ହେବାର ଥିଲା। ସେଥିପାଇଁ ସମସ୍ତ ପ୍ରସ୍ତୁତି ହୋଇଥିଲା। ରୋପ୍‌ୱେରେ ମୋ ସହ କଷ୍ଟ୍ୟୁମ୍ ମ୍ୟାନ, ମେକଅପ୍ ମ୍ୟାନ୍ ଯାଉଥାନ୍ତି। କିଛିବାଟ ଯାଇଛୁ ହଠାତ୍ ରେପ୍ ୱେର ତା'ର ଛିଡିଗଲା। ତଳୁ ପ୍ରାୟ ୫୦ ଫୁଟ୍ ଉପରେ ଆମେ ଝୁଲି ରହିଗଲୁ। ସେତେବେଳକୁ ମୁଁ କିଛିଟା ଫିଲ୍ମରେ କାମ କରିସାରିଥାଏ। ଫିଲ୍ମରେ ହିରୋ ହେଉଥିବାରୁ ଫାଇଟିଂ କରିବା, କୋଠା ଉପରୁ ତଳକୁ ଡେଇଁବା, ଗୋଟେ ବସ୍‌ରୁ ଆଉ ଗୋଟେ ବସ୍‌କୁ ଡେଇଁବା ଭଳି ଶଟ୍ ଦେଇସାରିଥାଏ। କିଛି ଲୋକ ଭାବୁଥାନ୍ତି ହିରୋ ମାନେ ମୁଁ ସବୁକିଛି କରିପାରିବି। ଆମେ ଝୁଲି ରହିଥିବା ସ୍ଥାନର ତଳେ ବହୁତ ଲୋକ ଜମା ହୋଇଥାନ୍ତି। ତାଙ୍କ ଭିତରୁ କିଛି ଲୋକ ମତେ କହୁଥାନ୍ତି ବ୍ୟସ୍ତ ହୁଅନ୍ତୁନି ଆପଣଙ୍କର କିଛି ହେବନି, ଆପଣ ହିରୋ। ଏତିକି ଉପରୁ ବି ଆପଣ ଡେଇଁ ପାରିବେ। ସେମାନଙ୍କ କଥା ଶୁଣି ମତେ ଟିକେ ସାହସ ମିଳିଲା ଭଳି ଲାଗୁଥାଏ। ଏପଟେ ମୋ ସହ ଥିବା ମେକଅପ୍ ମ୍ୟାନ୍ ଭାଇ ଜଣକ ଡରି ପୂରା ଛାନିଆ ହୋଇଯାଇଥାନ୍ତି। ମୋର ଛୋଟ ଛୁଆ, ଇନ୍‌ସ୍ୟୁରାନ୍ସ ରିନ୍ୟୁ କରିନି, ଯଦି ଏବେ ମୁଁ ମରିଯିବି ତାହେଲେ କ'ଣ ହେବ କହି କାନ୍ଦୁଥାନ୍ତି। ତାଙ୍କ ଅବସ୍ଥା ଦେଖି ମତେ ହସ ଲାଗୁଥାଏ। ଏହା ଭିତରେ ଆମକୁ ସେଠାରୁ ବାହାର କରିବା ପାଇଁ ଉଦ୍ଧାରକାରୀ ଦଳକୁ ଡକାଯାଇଥାଏ। ଆମକୁ କୁହାଯାଉଥାଏ ବେଶି ହଲିବେ ନାହିଁ କି ଠିଆ ହେବେ ନାହିଁ। ତେଣୁ ଆମେ ଯେ ବିପଦ ଅବସ୍ଥାରେ ରହିଛୁ ତାହା ବୁଝି ଯାଇଥିଲୁ। ୨ଘଣ୍ଟା ପରେ ଉଦ୍ଧାରକାରୀ ଦଳ ଆସି ପହଞ୍ଚିଲେ। ସେମାନେ ତାର ଉପରେ ଚଢି ଆସିବାରୁ ତାହା ବହୁତ ଜୋର୍‌ରେ ହଲୁଥାଏ। ବହୁତ କଷ୍ଟରେ ସେମାନେ ଆସି ଆମେ ଓହ୍ଲାଇବା ପାଇଁ ଦଉଡି ଶିଡି ଲଗାଇଲେ। ସେହି ଶିଡିରେ ସତର୍କର ସହ ନ ଓହ୍ଲାଇଲେ ତାହା ବୁଲିଯିବ। ଆମ ମେକଅପ୍ ମ୍ୟାନ୍ ଭୟ ଏବଂ ବିବ୍ରତ ହୋଇ ଓହ୍ଲାଇଲାବେଳକୁ ସେ ଶିଡି ବୁଲିଗଲା। ଫଳରେ ତାଙ୍କୁ ବହୁତ କଷ୍ଟରେ ଉଦ୍ଧାର କଲାଗଲା। ତା'ପରେ ମୁଁ ଏବଂ ଆମ କଷ୍ଟ୍ୟୁମ୍ ମ୍ୟାନ ଓହ୍ଲାଇବା ପରେ ସେଠାରେ ଥିବା ସବୁ ଲୋକ ତାଳି ମାରିଥିଲେ। ଆଜି ବି ସେଦିନର ସେହି ୨ ଘଣ୍ଟାକୁ ଭୁଲି ହେବ ନାହିଁ।

– ରିପୋର୍ଟ: ବନ୍ଦନା ସେଠୀ



# ଚିଜ୍ ଚିକେନ୍ ବମ୍

## ଖାଦ୍ୟରୁଚି



ଚଳିତ ସପ୍ତାହରେ ଖାଦ୍ୟରୁଚି ସ୍ତମ୍ଭରେ ସ୍ଥାନପାଇଛି ଚିକେନ୍‌ରେ ପ୍ରସ୍ତୁତ ଏକ ସୁଆଦିଆ ଡିସ୍, ଯାହାକୁ ଆପଣ ସ୍ନାକ୍ସ ଭାବେ ଖାଇପାରିବେ। ଅତି ସହଜରେ ଏବଂ କମ୍ ସମୟରେ ପ୍ରସ୍ତୁତ ହୋଇ ପାରୁଥିବା ଏହି ଡିସ୍ ହେଉଛି 'ଚିଜ୍ ଚିକେନ୍ ବମ'। ଏହାର ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ କହିଛନ୍ତି ରିସେସ୍ ରେଷ୍ଟୁରାଣ୍ଟର ସେଫ୍ ଉମାକାନ୍ତ ପାଣି।


### ଆବଶ୍ୟକ ସାମଗ୍ରୀ

- ବୋନଲେସ୍ ଚିକେନ୍ ୧୫୦ ଗ୍ରାମ୍
- ୨ଟି ପିଆଜ (ଛୋଟ ଛୋଟ କଟା)
- ଛୋଟ ଛୋଟ କଟା ଅଦା ୨ ଚାମଚ୍
- ଛୋଟ ଛୋଟ କଟା ରସୁଣ ୨ ଚାମଚ
- ଛୋଟ ଛୋଟ କଟା କଞ୍ଚାଲଙ୍କା ୧ ଚାମଚ
- ଜିରା ଗୁଣ୍ଡ ୧ ଚାମଚ
- ଧନିଆ ଗୁଣ୍ଡ ୧ ଚାମଚ
- ଗରମ ମସଲା ୧ ଚାମଚ
- ଗୋଲମରିଚ ଗୁଣ୍ଡ ୧ ଚାମଚ
- ଗ୍ରେଟେଡ୍ (କୋରା) ଚିଜ୍ ୪୦ ଗ୍ରାମ୍
- ଅଣ୍ଡା ଗୋଟିଏ
- ବ୍ରେଡ୍ ଗୁଣ୍ଡ ଅଳ୍ପ ପରିମାଣର
- ରିଫାଇନ୍ ତେଲ ୨୦୦ ଗ୍ରାମ
- ଲୁଣ ସ୍ୱାଦ ଅନୁଯାୟୀ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଭଲଭାବେ ଧୋଇ ରଖିଦେବେ। ଗ୍ରାଇଣ୍ଡର ଦ୍ୱାରା ଚିକେନ୍‌କୁ ଅଳ୍ପ ଖଣ୍ଡ ରଖି ବାଟିଦେବେ। ଏବେ ସେଥିରେ କଟା ହୋଇ ରହିଥିବା ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଗରମ ମସଲା ଗୁଣ୍ଡ ଏବଂ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଛୋଟ ଛୋଟ ଗୁଳା (ବଲ୍ ଆକାରର)କରି ଏକ ପାତ୍ରରେ ରଖନ୍ତୁ। ଚିକେନ୍ ବଲ ଉପରେ ଅଳ୍ପ ଅଳ୍ପ କରି ଚିଜ୍ ପକାନ୍ତୁ। ଅନ୍ୟ ଏକ ପାତ୍ରରେ ଅଣ୍ଡାକୁ ଭାଙ୍ଗି ଭଲଭାବେ ଫେଣ୍ଟି ଦିଅନ୍ତୁ। ଏବେ ଚିକେନ୍ ବଲରେ ଅଣ୍ଡାର ମିଶ୍ରଣ ଲଗାଇ ତାହାକୁ ବ୍ରେଡ୍ ଗୁଣ୍ଡରେ ଗୋଳାଇ ଦିଅନ୍ତୁ। ଧ୍ୟାନ ରଖିବେ ଯେପରି ଚିକେନ୍ ବଲ୍‌ର ସମସ୍ତ ପାର୍ଶ୍ୱରେ ବ୍ରେଡ୍ ଗୁଣ୍ଡ ଲାଗିଥିବ। ଏହାପରେ କଡେଇରେ ତେଲ ଗରମ କରି ସେଥିରେ ଚିକେନ୍ ବଲ୍‌କୁ ପକାଇ ଫ୍ରାଏ କରନ୍ତୁ। ହାଲ୍‌କା ଲାଲ୍ ହୋଇ ଆସିଲା ବେଳକୁ ତାହାକୁ ପାତ୍ରକୁ କାଢି ଆଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ଚିଜି ଚିକେନ୍ ବମ୍'।

– ରିପୋର୍ଟ: ବନ୍ଦନା ସେଠୀ



@ ଲଳିତ



@ ଲିକୁନା

## ସେଲ୍ଫି କର୍ଣ୍ଣର

**ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

dklselfie@gmail.com

(ବଛା ବଛା ସେଲ୍ଫି ପ୍ରକାଶ ପାଇବ)



@ ତାପସ



@ ନିରଞ୍ଜନ



@ ତରୁଣ



@ ମିଲନ



@ ସାହିଲ



@ ସୁଜିତ୍



@ ସୌଭାଗ୍ୟ



@ ଆଦିତ୍ୟ



@ ଗୁପ୍ତେଶ୍ୱର



@ ରାକେଶ



@ ସନ୍ତୋଷ

# ଲର୍ଡ ଗୁଞ୍ଜନ ପ୍ୟାଲେସ୍




– ରିପୋର୍ଟ: ଜ୍ୟୋତିରଞ୍ଜନ ମହାପାତ୍ର

ଫଟୋ: ବିକାଶ ନାୟକ

ଗୃହ ପ୍ରବେଶ: ୧୯୯୭

ଲୋକ ସଂଖ୍ୟା: ୩୦୦ରୁ ଊର୍ଦ୍ଧ୍ୱ

ଫ୍ଲାଟ ସଂଖ୍ୟା: ୬୧

ସଂଗଠନ: ଲର୍ଡ ଗୁଞ୍ଜନ ପ୍ୟାଲେସ ରେସିଡେଣ୍ଟ ୱେଲଫେୟାର ସୋସାଇଟି

ସଭାପତି: ଡ. ଶୈଳେଶ୍ୱର ନନ୍ଦ

ସମ୍ପାଦିକା: ପ୍ରୀତି ଶରିଫ

କୋଷାଧ୍ୟକ୍ଷ: ରାକେଶ ସାହୁ

ବମିଖାଲ ଛକ ନିକଟ ଏସ୍ପ୍ଲାନେଡ ୱାନ୍ ପାର୍ଶ୍ୱରେ ରହିଛି ଲର୍ଡ ଗୁଞ୍ଜନ ପ୍ୟାଲେସ ଆପାର୍ଟମେଣ୍ଟ। ଏହା ରାଜଧାନୀର ଏକ ଜଣାଶୁଣା ଆପାର୍ଟମେଣ୍ଟ। ନବେ ଦଶକର ଶେଷ ଭାଗରେ ଏହା ତିଆରି ହୋଇଛି। ଆଧୁନିକ ଡିଜାଇନ ଏବଂ ଏଠାରେ ଉପଲବ୍ଧ ହେଉଥିବା ସେବା ମେଟ୍ରୋ ସହର ଆପାର୍ଟମେଣ୍ଟଠାରୁ କିଛି କମ୍ ନୁହେଁ। ସୁରକ୍ଷା ସାଙ୍ଗକୁ ୨୪ ଘଣ୍ଟିଆ ପାଣି, ବିଦ୍ୟୁତ୍ ଏବଂ ସିସିଟିଭି ସର୍ଭେଲାନ୍ସ ବ୍ୟବସ୍ଥା ରହିଛି। ଆପାର୍ଟମେଣ୍ଟରେ ଥିବା ରାଧାମାଧବ ମନ୍ଦିରରେ ଜନ୍ମାଷ୍ଟମୀ ବେଶ୍ ଧୁମଧାମରେ ପାଳନ କରାଯାଏ। ଏଠାରେ ରହୁଥିବା ବାସିନ୍ଦାମାନେ ମିଳିମିଶି ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି। ଆପାର୍ଟମେଣ୍ଟ କଡ଼ରେ ଏସ୍ପ୍ଲାନେଡ୍ ମଲ୍ ଖୋଲିଯିବା ପରେ ଏହାର ଗୁରୁତ୍ୱ ପୂର୍ବାପେକ୍ଷା ବୃଦ୍ଧି ପାଇଛି।

## ଏକତା ଓ ଭାଇଚାରାକୁ ପ୍ରାଧାନ୍ୟ ଦିଆଯାଏ



“ଲର୍ଡ ଗୁଞ୍ଜନ ପ୍ୟାଲେସ ଆପାର୍ଟମେଣ୍ଟ ରାଜଧାନୀର ଏକ ପରିଚିତ ଆପାର୍ଟମେଣ୍ଟ। ଏହା ଗୋଟିଏ ବଡ ପରିବାର। ଏହି ପରିବାରର ଦାୟିତ୍ୱ କିପରି ସୁଚାରୁରୂପେ ତୁଲାଇବି ସେଥିପାଇଁ ସର୍ବଦା ଚେଷ୍ଟା କରେ। ଏଠାରେ ଏକତା ଏବଂ ଭାଇଚାରାକୁ ପ୍ରାଧାନ୍ୟ ଦିଆଯାଏ। ଆପାର୍ଟମେଣ୍ଟର ପ୍ରତ୍ୟେକ ସଦସ୍ୟ ନୀତି ନିୟମକୁ ମାନି ଚଳନ୍ତି। ପ୍ରାୟ ୧୫ ବର୍ଷ ହେବ ପ୍ରତିବର୍ଷ ମେ ୮ରେ ରାଧାମାଧବଙ୍କ ମନ୍ଦିର ବାର୍ଷିକ ଉତ୍ସବ ପାଳନ କରିଥାଉ। ଭୋଜିଭାତର ଆୟୋଜନ କରାଯିବା ସହ ନାମୀଦାମୀ କଳାକାରଙ୍କୁ ନେଇ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ। ଶାନ୍ତି ଶୃଙ୍ଖଳାରେ କିପରି ସମସ୍ତ କାର୍ଯ୍ୟ ସରିବ ତାହାକୁ ବିଶେଷ ଗୁରୁତ୍ୱ ଦିଆଯାଇଥାଏ।

– ଡ. ଶୈଳେଶ୍ୱର ନନ୍ଦ, ସଭାପତି

## ସୁରକ୍ଷାକୁ ଗୁରୁତ୍ୱ ଦେଉ



“ଆପାର୍ଟମେଣ୍ଟରେ ରହୁଥିବା ୬୧ ପରିବାରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଥାଉ। ଅନ୍ୟ ଆପାର୍ଟମେଣ୍ଟ ତୁଳନାରେ ଏଠାରେ ସିକ୍ୟୁରିଟି ବ୍ୟବସ୍ଥା କଡ଼ାକଡ଼ି ରହିଛି। କୌଣସି ଅପରିଚିତ ଲୋକ ଫ୍ଲାଟର କାହାକୁ ଭେଟିବାକୁ ଚାହୁଁଥିଲେ, ଉକ୍ତ ସଦସ୍ୟଙ୍କ ସହ ଟେଲିଫୋନରେ ଯୋଗାଯୋଗ ପରେ ଯିବାକୁ ଅନୁମତି ଦିଆଯାଇଥାଏ। ଫ୍ଲାଟ ବାସିନ୍ଦାଙ୍କ ସୁବିଧା ଅସୁବିଧାରେ ସମସ୍ତେ ପରସ୍ପରଙ୍କୁ ସହଯୋଗର ହାତ ବଢ଼ାଇଥାନ୍ତି। ପୂଜା ପର୍ବରେ ପରସ୍ପର ଭିତରେ ପିଠାପଣା ଦିଆନିଆ ହୋଇଥାଏ। ଫ୍ଲାଟରେ ସର୍ବଦା କିପରି ଏକତା ଓ ଶାନ୍ତି ବଜାୟ ରହିବ ସେନେଇ ଚେଷ୍ଟା କରିଥାଉ। କୌଣସି ଫ୍ଲାଟରେ କିଛି ସମସ୍ୟା ଦେଖାଗଲେ ତୁରନ୍ତ ସମାଧାନ କରାଯାଇଥାଏ।

– ପ୍ରୀତି ଶରିଫ, ସମ୍ପାଦିକା

## ବର୍ଷକୁ ଥରେ ରକ୍ତଦାନ ଶିବିର କରାଯାଏ



“ମହିଳାମାନେ ଏକାଠି ହୋଇ ଆପାର୍ଟମେଣ୍ଟ ଭିତରେ ବର୍ଷକୁ ଥରେ ରକ୍ତଦାନ ଶିବର ଆୟୋଜନ କରନ୍ତି। ଅନାଥ ଆଶ୍ରମରେ ଥିବା ପିଲାମାନଙ୍କୁ ସାହାଯ୍ୟ ସହଯୋଗ କରାଯାଇଥାଏ। ବରିଷ୍ଠ ନାଗରିକମାନଙ୍କର ଯେପରି କୌଣସି ସମସ୍ୟା ନ ହୁଏ ସେନେଇ ଆଲୋଚନା ହୋଇଥାଏ। ଆପାର୍ଟମେଣ୍ଟରେ ରହିଲେ ବ୍ୟକ୍ତିଗତ ଭାବେ ସମସ୍ତଙ୍କ ସହ ବନ୍ଧୁତା ସମ୍ପର୍କ ସ୍ଥାପନ ହୋଇଥାଏ। ଏଠାରେ ନିରାପତ୍ତା ବ୍ୟବସ୍ଥା ଅନ୍ୟ ସ୍ଥାନ ତୁଳନାରେ ଯଥେଷ୍ଟ ଅଧିକ। ଚୋରିର ଭୟ ନ ଥାଏ। ତେଣୁ ୨/୩ ମାସ ଧରି ଘରେ ତାଲା ପକାଇ ନିଶ୍ଚିନ୍ତରେ ବାହାରକୁ ଚାଲିଯାଉ। ନିଜେ ବ୍ୟକ୍ତିଗତ ଜୀବନରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାମ କରୁଥିବାରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନରେ ସହଯୋଗ କରିଥାଏ।

– ଡା. ସଂଯୁକ୍ତା ମହାପାତ୍ର, ବାସିନ୍ଦା

## ପର୍ବପର୍ବାଣି

ଜନ୍ମାଷ୍ଟମୀ, ଗଣେଶ ପୂଜା, ସରସ୍ୱତୀ ପୂଜା, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ହୋଲି ଆଦି ଆଡ଼ମ୍ବର ସହକାରେ ଏଠାରେ ପାଳନ କରାଯାଏ। ଏହି ସମୟରେ ଆପାର୍ଟମେଣ୍ଟରେ ରହୁଥିବା ପରିବାର ମିଳିମିଶି ଉପଭୋଗ କରିଥାନ୍ତି। ରାଧାମାଧବ ମନ୍ଦିରରେ ଜନ୍ମାଷ୍ଟମୀ ଦିନ ସମସ୍ତ ଲୋକ ଏକାଠି ହୁଅନ୍ତି। ହୋଲିରେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ମିଳିମିଶି ରଙ୍ଗ ଖେଳନ୍ତି।

## ଏଠାରେ ସମସ୍ତ ସୁବିଧା ମିଳୁଛି



“ସୋସାଇଟିରେ କର୍ମକର୍ତ୍ତାଙ୍କ ବ୍ୟବହାର ବହୁତ ଭଲ। ବିଭିନ୍ନ ପର୍ବପର୍ବାଣିକୁ ସମସ୍ତେ ମିଳିମିଶି ପାଳନ କରିଥାନ୍ତି। ଏବେ ଆପାର୍ଟମେଣ୍ଟ ବାମପାର୍ଶ୍ୱରେ ଏସ୍ପ୍ଲାନେଡ୍ ମଲ୍ ଖୋଲିଯିବାରୁ ଜିନିଷପତ୍ର କିଣାକିଣି କରିବାକୁ ଆହୁରି ସୁବିଧା ହୋଇଛି। ଏଠାରେ ପାଣି ଏବଂ ବିଦ୍ୟୁତ ସୁବିଧା ସବୁବେଳେ ଉପଲବ୍ଧ। ପରିମଳ ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନ କରାଯାଉଛି। ପରିଷ୍କାର ପରିଚ୍ଛନ୍ନତା ଓ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉଥିବାରୁ ଏଠାରେ ରହିବାକୁ ବହୁତ ଭଲ ଲାଗେ।

– ବିଭୁ ପ୍ରସାଦ ମହାପାତ୍ର, ଫ୍ଲାଟ ବାସିନ୍ଦା

## ମାର୍କେଟ୍‌ରେ ନୂଆ

### ଟିଭିଏସ୍ ରାଡେଅନ୍



ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ବଜାରକୁ ଆସିଛି ନୂଆ ୧୧୦ ସିସି ମୋଟର ବାଇକ୍ ରାଡେଅନ୍। ନୂଆ ମଡେଲର ବଜାର ଦର ୪୮,୪୦୦ ଟଙ୍କା ରହିଛି। ଏଥିରେ ସଙ୍କ୍ରୋନାଇଜଡ ବ୍ରେକିଂ ଟେକ୍ନୋଲୋଜି, କାର ଭଳି ସ୍ପିଡୋମିଟର, ଲାର୍ଜେଷ୍ଟ ସିଟ୍ ରହିଛି। ସେହିଭଳି କ୍ରୋମ୍ ସାଇଲେନ୍ସର, ପେଟ୍ରୋଲ ଟାଙ୍କି ଉପରେ ଥିକ୍ ପ୍ୟାଡ ସୁବିଧା, ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସ, ପ୍ରିମିୟମ ଫିଲ୍ କଣ୍ଟ୍ରୋଲ, ବିଗର ହ୍ୱିଲ୍, ସ୍ମାର୍ଟ ଚାର୍ଜର ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଏଥିରେ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

### ଆଡିଡାସ ପିୟୋର ବୁଷ୍ଟ ଗୋ



ଆଡିଡାସ ପକ୍ଷରୁ ବଜାରକୁ ଆସିଛି ନୂଆ ପିୟୋର ବୁଷ୍ଟ ଗୋ। ଏହା ଦୌଡାଳିଙ୍କ ପାଇଁ ବିଶେଷ ଭାବେ ଉପାଦେୟ ହୋଇପାରିବ। ଏହା ଉନ୍ନତ ଅନୁଭୂତି ପ୍ରଦାନ କରିବାରେ ବିଶେଷ ଭାବେ ସହାୟକ ହେବ। ସମସ୍ତଙ୍କ ବ୍ୟବହାରରେ ଆସି ପାରିବ। ଏହି ବ୍ରାଣ୍ଡରେ ନୂତନ ଏକ୍ସପାଣ୍ଡେଡ ଲ୍ୟାଣ୍ଡି ଜୋନ ଡିଜାଇନ ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା କଳା, ଧୂସର, ଧଳା, ଫିକା ଧୂସର ରଙ୍ଗରେ ଉପଲବ୍ଧ ହେବ। ଏହାର ବଜାର ଦର ୧୧,୯୯୯ ଟଙ୍କା ରହିଛି।

# ମନୋରଞ୍ଜନରେ ସୀମିତ ନୁହେଁ ମ୍ୟାଜିକ୍

**ପ୍ରଶ୍ନ: ଯାଦୁବିଦ୍ୟା ପ୍ରତି କାହିଁକି ଆଗ୍ରହୀ ହେଲେ?**

➥ପିଲାଦିନରୁ ଯାଦୁଖେଳ ରହସ୍ୟମୟ ଲାଗୁଥିଲା। ଜଣେ ଲୋକ ଅସମ୍ଭବକୁ କିପରି ସମ୍ଭବ କରି ଦେଖାଇପାରୁଛି ସେ ସବୁ ଜାଣିବାକୁ ମନେ ମନେ ଆଗ୍ରହ ବଢ଼ିଥିଲା। ୧୯୮୯ରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବାବେଳେ ଏଥିପ୍ରତି ଅଧିକ ଆକର୍ଷିତ ହୋଇପଡ଼ିଲି। ପରିବାର ଲୋକଙ୍କ ସହଯୋଗ, ଦର୍ଶକଙ୍କ ଭଲପାଇବା ଯୋଗୁ ଆଜି ଏହି ସ୍ଥାନରେ ପହଞ୍ଚି ପାରିଛି।

**ପ୍ରଶ୍ନ: ବିଧିବଦ୍ଧ ଭାବେ ଯାଦୁବିଦ୍ୟା ଶିଖିଛନ୍ତି କି?**

➥ବିଧିବଦ୍ଧ ଭାବେ କାହାରି ନିକଟରୁ ଏହି କଳା ଶିଖିନାହିଁ। କିନ୍ତୁ ଗାଁ ଗାଁରେ ବୁଲି ଯାଦୁଖେଳ ଦେଖାଉଥିବା ଯାଦୁକରଙ୍କୁ ଅନୁସରଣ କରିବା ପରେ ଅନେକ କୌଶଳ ଶିକ୍ଷା ଲାଭ କରିପାରିଛି, ଯାହାକୁ ପରବର୍ତ୍ତୀ ସମୟରେ ନିଜ ଢଙ୍ଗରେ ଉପସ୍ଥାପନ କରିବାରେ ସଫଳ ମଧ୍ୟ ହୋଇଛି।

**ପ୍ରଶ୍ନ: ଏପରି କଳାକୌଶଳକୁ କେମିତି ଗ୍ରହଣ କରନ୍ତି ?**

➥ଯାଦୁଖେଳ କେବଳ ଏକ ମନୋରଞ୍ଜନଧର୍ମୀ କଳା ବୋଲି ଅନେକଙ୍କ ଧାରଣା ରହିଛି। ହେଲେ ଏହାକୁ ସମାଜ କଲ୍ୟାଣ କ୍ଷେତ୍ରରେ ମଧ୍ୟ ଲଗାଯାଇପାରିବ। ବିଶେଷ କରି ଜନସଚେତନତାମୂଳକ ଯୋଜନାର ପ୍ରଚାର, ଲୋକଙ୍କ ମଧ୍ୟରେ ବସା ବାନ୍ଧିଥିବା ଅନ୍ଧବିଶ୍ୱାସ ଦୂରୀକରଣ ଦିଗରେ ଯାଦୁଖେଳ ବର୍ତ୍ତମାନ ସମୟର ଶକ୍ତିଶାଳୀ ମାଧ୍ୟମ ବୋଲି କୁହାଯାଇପାରେ। ଏହାଦ୍ୱାରା ଦର୍ଶକ ଶୀଘ୍ର ପ୍ରଭାବିତ ହୋଇଥାନ୍ତି, ଯାହାର ଫଳ ସୁଦୂରପ୍ରସାରୀ।

**ପ୍ରଶ୍ନ: କାହାକୁ ଆଦର୍ଶ ମାନନ୍ତି ?**

➥ଅନେକ ଅଛନ୍ତି। ତଥାପି ପି.ସି. ସରକାର ସବୁଠୁ ଆଗରେ ରହିବେ। ଏତଦ୍‌ବ୍ୟତୀତ ବନ୍ଧୁ ଅକ୍ଷୟ କୁମାର ସାହୁ, ବାପା ସ୍ୱର୍ଗତ ଲକ୍ଷ୍ମଣ ବିଶ୍ୱାଳ, ଭାଇ ସ୍ୱର୍ଗତ ବିଜୟ ବିଶ୍ୱାଳ, ମ୍ୟାଜିସିଆନ ମହେଶ ମହାରଣାଙ୍କ ପ୍ରେରଣା ସଫଳତା ଦିଗରେ ବାଟ କଢ଼ାଇନେଇଛି।

**ପ୍ରଶ୍ନ:ଜୀବନର ଉପଲବ୍ଧି ?**

➥ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ସିକିମ, ଆଣ୍ଡାମାନ ନିକୋବର, କଲିକତା, ଝାଡ଼ଖଣ୍ଡ, ବିହାର, କେରଳ, ଦିଲ୍ଲୀ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ନେପାଳ ଆଦି ୧୦ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ମ୍ୟାଜିକ୍ ଖେଳ ଦେଖାଇଛି। ଏହା ଭାବିବା ବେଳକୁ ମନ ଆପଣାଛାଏଁ ଖୁସି ହୋଇଯାଏ।

**ପ୍ରଶ୍ନ: ନିଜଦ୍ୱାରା ପ୍ରସ୍ତୁତ ଯାଦୁଖେଳ ସମ୍ପର୍କରେ ପଦେ ?**

➥କ୍ୟାଣ୍ଡେଲକୁ ଜାତୀୟ ପତାକାରେ ପରିଣତ କରିବା, ମଞ୍ଜି ଲଗାଇ ଘଣ୍ଟାଏ ମଧ୍ୟରେ ସେଥିରେ ଫଳ ଫଳାଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସଂକ୍ରାନ୍ତ ସଚେତନତାମୂଳକ ଅନେକ ଯାଦୁଖେଳ ଦର୍ଶକଙ୍କ ଆଗରେ ସଫଳତାର ସହ ପରିବେଷଣ କରିଛି।

**ପ୍ରଶ୍ନ: ମ୍ୟାଜିସିଆନ୍ ହୋଇ ନ ଥିଲେ କ'ଣ ହୋଇଥାନ୍ତେ ?**

➥ନିଶ୍ଚିତ ଭାବେ ସାମାଜିକ କର୍ମୀ। ଜଳ, ଜମି, ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ କରିଥାନ୍ତି। ପିଲାଦିନରୁ ସମାଜସେବା ପ୍ରତି ଦୁର୍ବଳତା ରହିଛି। ଏବେ ମ୍ୟାଜିକ୍ ଦେଖାଇ ପରୋକ୍ଷରେ ସମାଜସେବାରେ ସମ୍ପୃକ୍ତ ଅଛି। ହେଲେ ଏଥିରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିପାରି ନ ଥିବାରୁ କିଛିଟା ଅଭାବବୋଧ ରହିଯାଇଛି।

**ପ୍ରଶ୍ନ: ନିଜ ପସନ୍ଦର ଭ୍ରମଣ ସ୍ଥାନ ?**

➥ସେମିତି ଦେଖିବାକୁ ଗଲେ ମ୍ୟାଜିକ୍ ଦେଖାଇବା ପାଇଁ ବିଭିନ୍ନ ସ୍ଥାନକୁ ଯିବାକୁ ପଡ଼େ। କାମ ସରିଲେ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ବି ବୁଲିଥାଏ। ମ୍ୟାଜିକ୍ ପ୍ରଦର୍ଶନ ପାଇଁ ଆଣ୍ଡାମାନ ନିକୋବର ଯାଇଥିବାବେଳେ ସେଠାକାର ମନଲୋଭା ପରିବେଶ ବେଶ୍ ଆମୋଦିତ କରିଛି। ସୁଯୋଗ ମିଳିଲେ ପୁଣି ଥରେ ସେଠାକୁ ଯିବାକୁ ଇଚ୍ଛା।

**ପ୍ରଶ୍ନ: ଖାଇବାରେ କ'ଣ ପସନ୍ଦ?**

➥ଦହି ପଖାଳ ସହିତ ଦେଶୀ ମାଛମୁଣ୍ଡ ତରକାରି।

**ପ୍ରଶ୍ନ: ପ୍ରିୟ ଚଳଚ୍ଚିତ୍ର ?**

➥ମେରା ନାମ୍ ଜୋକର।

**ପ୍ରଶ୍ନ:ଯାଦୁବିଦ୍ୟାକୁ ପେସା କରି ଚଳିହେବ କି ?**

➥ହଁ, ନିଶ୍ଚିତ ଭାବେ। ଏହାର ଉଦାହରଣ ମୁଁ ନିଜେ।

**ପ୍ରଶ୍ନ: ଜୀବନର ଲକ୍ଷ୍ୟ ?**

➥ଅନ୍ତର୍ଜାତୀୟସ୍ତରର ମ୍ୟାଜିସିଆନ୍ ଭାବେ ନିଜକୁ ପ୍ରତିଷ୍ଠିତ କରାଇବା। ଏହାସହ ଏକ ମ୍ୟାଜିକ୍ ସ୍କୁଲ ଖୋଲି ଶିକ୍ଷାଦେବା ଆଉ ଯାଦୁବିଦ୍ୟା ଭଳି କଳାକୁ ବଞ୍ଚାଇ ରଖିବା

**ରିପୋର୍ଟ: ଦୀନେଶ ଦାସ, ଓଡ଼ାପଡ଼ା**

## ନିଜ କଥା



**ହସ୍ତକୌଶଳର ଇନ୍ଦ୍ରଜାଲ ହେଉଛି ମ୍ୟାଜିକ୍। ଏକଦା କେବଳ ମନୋରଞ୍ଜନ ମଧ୍ୟରେ ସୀମିତ ଥିବା ଏହି କଳା ଏବେ ବାଣ୍ଟୁଛି ସଚେତନତାର ବାର୍ତ୍ତା। ଆଉ ଏହାକୁ ପେସା କରି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସା ସାଉଁଟୁଛନ୍ତି ଅନେକ ଯାଦୁକର। ସେମାନଙ୍କ ମଧ୍ୟରେ ଆଗଧାଡ଼ିରେ ଅଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବଙ୍ଗୁ ଗ୍ରାମର ବିମଳ କୁମାର ବିଶ୍ୱାଳ। ୧୯୯୯ରୁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ସଙ୍ଗୀତ ଓ ନାଟକ ପ୍ରଭାଗ ଦ୍ୱାରା ପଞ୍ଜୀକୃତ ଯାଦୁକର ଭାବେ ସ୍ୱୀକୃତି ପାଇଛନ୍ତି ସେ। ତାଙ୍କ ଦ୍ୱାରା ଗଠିତ ରୟାଲ ମ୍ୟାଜିକ୍ ଶୋ' ଭାରତ ସମେତ ନେପାଳରେ ପ୍ରସିଦ୍ଧି ଅର୍ଜନ କରିଛି। ଖ୍ୟାତନାମା ଯାଦୁକର ପି.ସି. ସରକାରଙ୍କୁ ଜୀବନର ଆଦର୍ଶ ଭାବୁଥିବା ବିମଳଙ୍କ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନର କିଛି କଥା ସ୍ଥାନ ପାଇଛି 'ନିଜକଥା' ସ୍ତମ୍ଭରେ...**

ଫିଟ୍ ନେସ୍

# ଶୋଇବାକୁ ଗୁରୁତ୍ୱ ଦିଏ

ଓଡ଼ିଆ ଟେଲିଭିଜନ ଜଗତର ଜଣେ ଲୋକପ୍ରିୟ ଅଭିନେତା ଚିନ୍ମୟ ମିଶ୍ର। ୧୨ରୁ ଅଧିକ ଟେଲି ଧାରାବାହିକରେ ନିଜର ଅଭିନୟ ଯାଦୁ ଦେଖାଇସାରିଥିବା ଚିନ୍ମୟ ନିଜର ରିୟଲିଷ୍ଟିକ୍ ଆକ୍ଟିଂ ପାଇଁ ଓଡ଼ିଶାର ଘରେ ଘରେ ପରିଚିତ। ବର୍ତ୍ତମାନ ନିଜର ଅପ୍‌କମିଙ୍ଗ ତଥା ହାଇବଜେଟ୍ ଓଡ଼ିଆ ଫିଲ୍ମ 'ପାଟଣାଗଡ଼'କୁ ନେଇ ଏବେ ବେଶ୍ ଚର୍ଚ୍ଚାରେ। ଏହି ଅଭିନେତା ପୂର୍ବରୁ 'ରଜା ଝିଅ ସାଙ୍ଗେ ହୋଇଗଲା ଭାବ', 'ଟୁ ଡିଜାୟାର୍ସ ଆଣ୍ଡ ଏ ଡ୍ରିମ୍' ଭଳି ଓଡ଼ିଆ ଏବଂ ହିନ୍ଦୀ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ଭଲପାଇବା ସାଉଁଟିଛନ୍ତି। କାମର ବ୍ୟସ୍ତତା ଥିଲେ ମଧ୍ୟ ନିଜକୁ ଫିଟ୍ ରଖିବା ପାଇଁ ସବୁବେଳେ ଚେଷ୍ଟା କରିଥାନ୍ତି। ସକାଳୁ ଉଠି ପ୍ରଥମେ ରନିଂ ପାଇଁ ଯାଇଥାନ୍ତି। ପ୍ରାୟ ଏକ ଘଣ୍ଟା ରନିଂ ପରେ ଏକ ଘଣ୍ଟା ଏକ୍ସରସାଇଜ୍ କରିଥାନ୍ତି। ବର୍ତ୍ତମାନ ଏକ ଫିଲ୍ମ ଶୁଟିଂ ପାଇଁ ସେ କିଛିଦିନ ହେବ ଜିମ୍ ଯିବା ଆରମ୍ଭ କରିଛନ୍ତି। ପ୍ରତିଦିନ ସକାଳେ ଗ୍ରୀନ ଟି କିମ୍ବା ଫ୍ୟାଟ୍‌ଲେସ୍ ପାଇଁ ଲେମନ ଓ ବଏଲ ୱାଟର ପିଇଥାନ୍ତି। ଶୁଟିଂ ସମୟରେ ଖାଇବାରେ ଅସୁବିଧା ହେଉଥିବାରୁ ପ୍ରପର ବ୍ରେକ୍‌ଫାଷ୍ଟ ପ୍ରତି ସେ ସବୁବେଳେ ଧ୍ୟାନ ଦେଇଥାନ୍ତି। ବ୍ରେକ୍‌ଫାଷ୍ଟରେ ମୋସ୍‌ଲି ଓ ଓଟ୍‌ସ ଖାଇଥାଏ। ଲଞ୍ଚ୍‌ରେ ସବୁବେଳେ ଅଳ୍ପ ଭାତ, ଡାଲି ସହିତ ସାଧାରଣ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ଜଙ୍କ୍ ଫୁଡ୍‌ଠାରୁ ଦୂରେଇ ରହୁଥିବା ଚିନ୍ମୟ ତେଲ ଓ ମସଲାଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି ନାହିଁ। ସିଝା ଖାଦ୍ୟ ଏପରି କି ଚିକେନ ସିଝା ମଧ୍ୟ ଖାଇଥାନ୍ତି। ପ୍ରତିଦିନ ରାତି ୮ଟା ପୂର୍ବରୁ ଖାଇବାକୁ ଚେଷ୍ଟା କରିଥାନ୍ତି। ଡିନରରେ ରୁଟି, ତରକାରି କିମ୍ବା ବ୍ରାଉନ ବ୍ରେଡ୍ ଓ ଅଣ୍ଡା ଅମ୍‌ଲେଟ୍ ନଚେତ୍ ଓଟ୍‌ସ ଖାଇଦିଅନ୍ତି। ଦିନକୁ ୬ଲିଟର ପାଣି ପିଇବା ସହ ଠିକ୍ ସମୟରେ ଶୋଇବା ଓ ଶୀଘ୍ର ଉଠିବା ହେଉଛି ତାଙ୍କର ଫିଟ୍‌ନେସ୍ ଫଣ୍ଡା। ଭୋର ପ୍ରାୟ ସାଢ଼େ ୪ଟାରେ ଉଠିଥାନ୍ତି। ଚିନ୍ମୟଙ୍କ ମତରେ, ଦର୍ଶକ ସବୁବେଳେ ଆମକୁ ଫିଟ୍ ଦେଖିବାକୁ ଚାହାନ୍ତି। ସେଥିପାଇଁ କଳାକାରମାନଙ୍କ ପାଇଁ ଫିଟ୍‌ନେସ୍ ବହୁ ଜରୁରୀ। ମୁଁ ଭାବେନି ଯେ ଡାଏଟ୍ କରିଲେ ଫିଟ୍ ରହିବା। ଶାରୀରିକ, ମାନସିକ ଭାବେ ଫିଟ୍ ରହିଲେ ହିଁ ଆମେ ଖୁସି ରହିପାରିବା।

– ରିପୋର୍ଟ: ଅସମାପିକା ସାହୁ



# ଯାହା ଦେଖେ ତାକୁ ନେଇ ଫିଲ୍ମ କରେ

ନିଜର ଭିନ୍ନ କାହାଣୀ ଓ ନିର୍ଦ୍ଦେଶନା ଶୈଳୀ ପାଇଁ ସମଗ୍ର ବିଶ୍ୱରେ ଲୋକପ୍ରିୟ ହୋଇପାରିଛନ୍ତି ଜଣେ ଓଡ଼ିଆ। ସେ ହେଉଛନ୍ତି ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର ବିଜେତା ଏବଂ ପ୍ରସିଦ୍ଧ ହିନ୍ଦୀ ଫିଲ୍ମ 'ଆଇ ଆମ୍ କଲାମ'ର ନିର୍ମାତା ପଦ୍ମଶ୍ରୀ ନୀଳମାଧବ ପଣ୍ଡା। ଏ ପର୍ଯ୍ୟନ୍ତ ୭୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର, ପ୍ରାମାଣିକ ଓ ଫିଚର ଫିଲ୍ମର ନିର୍ଦ୍ଦେଶନା ଦେଇସାରିଥିବା ପଣ୍ଡା ଜଳବାୟୁ ପରିବର୍ତ୍ତନ, ଶିଶୁ ଶ୍ରମିକ, ଶିକ୍ଷା, ଜଳାଭାବ, ପରିମଳ ବ୍ୟବସ୍ଥା ଭଳି ସାମାଜିକ ଘଟଣାବଳୀ ଉପରେ ଫିଲ୍ମ ନିର୍ମାଣ କରିଛନ୍ତି। ତାଙ୍କ ନିର୍ଦ୍ଦେଶିତ ଅଧିକାଂଶ ଚଳଚ୍ଚିତ୍ର ସତ୍ୟ ଘଟଣା ଉପରେ ଆଧାରିତ, ଯେଉଁଥିରେ ପଶ୍ଚିମ ଓଡ଼ିଶାର ଝଲକ ଦେଖିବାକୁ ମିଳିଥାଏ। ପଣ୍ଡାଙ୍କ ପ୍ରଥମ ଫିଚର ଫିଲ୍ମ 'ଆଇ ଆମ୍ କଲାମ' ୩୨ଟି ଅନ୍ତର୍ଜାତୀୟ ଏବଂ ଗୋଟିଏ ଜାତୀୟ ପୁରସ୍କାର ପାଇ ରେକର୍ଡ କରିଥିଲା। ସେହିପରି କନ୍ୟାଭ୍ରୁଣ ହତ୍ୟା ଉପରେ ନିର୍ମିତ ଦ୍ୱିତୀୟ ଫିଚର ଫିଲ୍ମ 'ଜଲ୍‌ପରୀ' କାନ୍‌ସ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ପୁରସ୍କାର ହାସଲ କରିଥିଲା। ଏବେ ତାଙ୍କ ଦ୍ୱାରା ନିର୍ମିତ 'ହାଲ୍‌କା'ର ଟ୍ରେଲର କିଛିଦିନ ତଳେ ରିଲିଜ ହୋଇଥିବା ବେଳେ ତାହା ଇଣ୍ଟରନେଟ୍‌ରେ ଚହଳ ସୃଷ୍ଟି କରିଛି। ନିକଟରେ ଭୁବନେଶ୍ୱରର ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅବସରରେ ତାଙ୍କ ସହ ଧରିତ୍ରୀର ଆଳାପ।



ନୀଳମାଧବ ପଣ୍ଡା

ଧରିତ୍ରୀ ଆଳାପ

**'ହାଲ୍‌କା' ଫିଲ୍ମ ବିଷୟରେ କ'ଣ କହିବେ? ଏହାର ସ୍ୱତନ୍ତ୍ରତା କ'ଣ?**

ସିନେମାମାନେ ହିଁ ଏଣ୍ଟରଟେନ୍‌ମେଣ୍ଟ। ଯେତେବେଳେ ଟିକେଟ୍ କାଟି ଜଣେ ଦର୍ଶକ ହଲକୁ ଯାଏ, ସେତେବେଳେ ତା' ମନରେ ଗୋଟିଏ କଥା ଥାଏ, ଫିଲ୍ମଟି କେତେଦୂର ତା'ର ମନୋରଞ୍ଜନ କରିବ। ବାକି ରହିଲା ଆୱାର୍ଡ, ଆପ୍ରିସିଏଶନ, ସୋସାଇଟି ପାଇଁ ମେସେଜ୍, ସେ ସବୁ ପରକଥା। ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ, 'ହାଲ୍‌କା', ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍। ଶିଶୁମାନଙ୍କର ଫିଲ୍ମ ତ ଏ ଦେଶରେ ଆସେନି। ମୁଁ ସବୁବେଳେ କୁହେ ଯେ, ଆମେମାନେ ବହୁତ ସ୍ୱାର୍ଥପର ପିଢ଼ି। ନା ଆମେ ଶିଶୁମାନଙ୍କ ପାଇଁ ଫିଲ୍ମ ତିଆରି କରୁ ନା ସେମାନଙ୍କୁ ଫିଲ୍ମ ଦେଖାଇବାକୁ ନେଉ। ଭାରତ ବିଶ୍ୱର ସର୍ବାଧିକ ଫିଲ୍ମ ନିର୍ମାଣକାରୀ ଦେଶ ହୋଇଥିବା ବେଳେ ପ୍ରତିବର୍ଷ ନିର୍ମାଣ ହେଉଥିବା ୧୨୦୦, ୧୪୦୦ ଫିଲ୍ମ ମଧ୍ୟରୁ ଖୋଜିଲେ ଅତିବେଶିରେ ୨ରୁ ୪ଟା ଶିଶୁ ଚଳଚ୍ଚିତ୍ର ମିଳିବ। 'ହାଲ୍‌କା' ଶିଶୁମାନଙ୍କ ପାଇଁ ଏକ ଉପହାର। ଗୋଟିଏ ପିଲାର ହିରୋଇଜମ୍‌କୁ ନେଇ ଫିଲ୍ମ ତିଆରି ହୋଇଛି। 'ହାଲ୍‌କା' ଏକ ବସ୍ତିର କାହାଣୀ ହେଲେ ବି ଏଥିରେ 'ସେଲିବ୍ରେଶନ ଅଫ୍ ହ୍ୟୁମାନିଟି'କୁ ମୁଁ ପ୍ରାଥମିକତା ଦେଇଛି।

**'ହାଲ୍‌କା' ପୂର୍ବରୁ ରିଲିଜ୍ ହୋଇଥିବା ଆପଣଙ୍କ ଆୱାର୍ଡ ୱିନିଂ ଫିଲ୍ମ 'ଆଇ ଆମ୍ କଲାମ'ର ସିକ୍ୱେଲ୍ କି?**

ନାଁ, ଏହା ତା'ର ସିକ୍ୱେଲ୍ ବିଲ୍‌କୁଲ୍ ନୁହେଁ। ଏହା ସମ୍ପୂର୍ଣ୍ଣ ଏକ ଭିନ୍ନ କାହାଣୀ। 'ଆଇ ଆମ୍ କଲାମ' ସହ 'ହାଲ୍‌କା'ର ଦୂର ଦୂର ପର୍ଯ୍ୟନ୍ତ କୌଣସି ସମ୍ପର୍କ ନାହିଁ।

**ପାଓଲି ଦମ୍, ରଣବୀର ସୋରେଙ୍କୁ କ'ଣ ପାଇଁ ବାଛିଥିଲେ? 'ହାଲ୍‌କା'ରେ କେତେଜଣ ସତସତିକା ବସ୍ତିବାସିନ୍ଦା ମଧ୍ୟ ଅଭିନୟ କରିଛନ୍ତି। ସେ ନେଇ କ'ଣ କହିବେ?**

ଯେଉଁ ବସ୍ତିରେ ଆମର ଶୁଟିଂ ଚାଲିଥିଲା, ସେଠାକାର କେତେଜଣ ସ୍ଥାନୀୟ ଲୋକ ଏଥିରେ ଅଭିନୟ କରିଛନ୍ତି। ବାକିରହିଲା ପାଓଲି ଦମ୍ ଓ ରଣବୀରଙ୍କ କଥା। ଉଭୟ ଅଭିନୟ କ୍ଷେତ୍ରରେ ବେଶ୍ ପାରଙ୍ଗମ। ପାଓଲି ଦମ୍ ବଙ୍ଗଳା ଫିଲ୍ମ ଇଣ୍ଡଷ୍ଟ୍ରୀର ଜଣେ ଭର୍ସାଟାଇଲ୍ ଆକ୍ଟର ଓ ରଣବୀର ସୋରେଙ୍କୁ ଜଣେ ଫାଇନ୍ ଆର୍ଟିଷ୍ଟ ଭାବେ ସମସ୍ତେ ଜାଣିଛନ୍ତି।

**ପରିବେଶ ପରିବର୍ତ୍ତନ, ଶିଶୁ ଶ୍ରମିକ, ଶିକ୍ଷା ଓ ଜଳ ସମସ୍ୟା ଭଳି ସାମାଜିକ ସଚେତନତାଭିତ୍ତିକ ଫିଲ୍ମ ଆପଣ ବେଶି କରୁଛନ୍ତି। ଯେତେବେଳେ କି କମର୍ସିଆଲ ଫିଲ୍ମ ଅଧିକ ବିକ୍ରି ହେଉଛି ଓ ଲୋକେ ଏଭଳି ଫିଲ୍ମକୁ ଅଧିକ ପସନ୍ଦ କରୁଛନ୍ତି। ଆପଣ ବି ଚାହିଁଲେ ସେଭଳି ଫିଲ୍ମ କରିପାରନ୍ତେ। କ'ଣ କହିବେ?**

ଏହା ଏକ ଭୁଲ୍ ଧାରଣା। ମୁଁ କମର୍ସିଆଲ ଫିଲ୍ମ ବି କରୁଛି। ଶାହରୁଖ୍ ଖାଁଙ୍କ ଗୋଟିଏ ଫିଲ୍ମରେ ୧୦୦କୋଟି ଟଙ୍କା ଖର୍ଚ୍ଚ ହେଲେ ୩୦୦କୋଟି ଟଙ୍କା ମିଳେ, ମୁଁ ଗୋଟିଏ ଫିଲ୍ମ ପାଇଁ ୧କୋଟି ଖର୍ଚ୍ଚ କଲେ ୨୫କୋଟି ପାଏ। ଶାହରୁଖ୍‌ଙ୍କ ଫିଲ୍ମରେ ବଜେଟର ରେସିଓ ଯେଉଁଠି ୧:୩ ରୁହେ, ସେଠି ମୋ ଫିଲ୍ମର ରେସିଓ ୧:୨୫। ତେଣୁ ମୋ ଫିଲ୍ମ ଶାହରୁଖ୍ ଖାଁଙ୍କ ଫିଲ୍ମଠାରୁ ଅଧିକ କମର୍ସିଆଲ। ବ୍ୟୟ ଏବଂ ଆୟ ମଧ୍ୟରେ ଥିବା ଅନୁପାତ ଫିଲ୍ମର ସଫଳତା ଓ କମର୍ସିଆଲିଟିକୁ ମାପିଥାଏ।

**ଭାରତୀୟ ଫିଲ୍ମ ବଡ଼ ବଡ଼ ଷ୍ଟାର୍‌କାଷ୍ଟ ବିନା କିମ୍ବା ଲୋ' ବଜେଟରେ ଚାଲିପାରିବ କି?**

ହଁ, କାହିଁକି ନୁହେଁ। ଦେଶରେ ଏବେ ଏକ ନୂଆ ସମୟ ଚାଲିଛି। ଆମ ଚାରିପାଖରେ ବହୁତ କିଛି ନୂଆ ହେଉଛି। ଅନେକ ଛୋଟ ଛୋଟ ଓ କମ୍ ବଜେଟର ଫିଲ୍ମ ଭଲ ପ୍ରଦର୍ଶନ କରୁଛି ଏବଂ ଲୋକେ ତାହାକୁ ପସନ୍ଦ କରୁଛନ୍ତି।

**ଆଗାମୀ ପ୍ରୋଜେକ୍ଟ କ'ଣ ରହିଛି? ଓଡ଼ିଶାର କୌଣସି କାହାଣୀକୁ ନେଇ ଫିଲ୍ମ କରିବାର ଯୋଜନା ଅଛି କି?**

ଆଗକୁ ମୁଁ ଏକ ୱାର୍ ଫିଲ୍ମ କରିବାକୁ ଯାଉଛି। ଏବେ ସେଥିପାଇଁ କାମ କରୁଛି। ୧୯୭୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧ କାହାଣୀ ଉପରେ ଏହି ଫିଲ୍ମ ଆଧାରିତ। ୨୦୧୯ ଆରମ୍ଭରୁ ଶୁଟିଂ ହେବ ଏବଂ ବର୍ଷ ଶେଷକୁ ରିଲିଜ ହେବା ସମ୍ଭାବନା ରହିଛି। ଓଡ଼ିଶା ମୋ ମାଟି। କିଛି ନା କିଛି ଚେଷ୍ଟାକରେ ଓଡ଼ିଶା ଲିଙ୍କ୍ ରଖିବାକୁ। ଏ ପର୍ଯ୍ୟନ୍ତ ସେଭଳି ଭଲ କାହାଣୀ ପାଇନି। ମୁଁ ଗୋଟେ ଗୋଟେ କାହାଣୀ ପାଇଁ ୨ରୁ ୩ବର୍ଷ କାମ କରେ। ଏ ପର୍ଯ୍ୟନ୍ତ ମୁଁ ଓଡ଼ିଶାର ଦୁଇଟି କାହାଣୀକୁ ନେଇ ରିସର୍ଚ୍ଚ କରିଛି। ହେଲେ ତାହା ସେଭଳି ସନ୍ତୋଷଜନକ ଲାଗିନି। ଏବେ ଖୋଜାଚାଲିଛି। ମିଳିଲେ ନିଶ୍ଚୟ କରିବି।

**କଣ୍ଟେମ୍ପୋରାରି ଫିଲ୍ମ କରିବା ଆଜିକା ସମୟରେ କେତେ ଚ୍ୟାଲେଞ୍ଜିଂ? ଭାରତୀୟ ଦର୍ଶକମାନଙ୍କର ଏଭଳି ଫିଲ୍ମ ପାଇଁ ରେସ୍‌ପନ୍ସ କ'ଣ?**

କଣ୍ଟେମ୍ପୋରାରି ଫିଲ୍ମ ଜଣେ ନିର୍ମାତା ପାଇଁ ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ୍। ପ୍ରେମ, ପ୍ରତିଶୋଧ ସମେତ କେତୋଟି ଇମୋଶନ୍‌କୁ ନେଇ ତ ସମସ୍ତେ ଫିଲ୍ମ କରନ୍ତି। ହେଲେ ନିର୍ମାତା ଓ କଳାକାରଙ୍କ କାମ ହେଉଛି, ଏହାକୁ କେତେ ଭିନ୍ନ ଭାବେ ଦର୍ଶକଙ୍କ ନିକଟରେ ଦେଖାଇବା।

**ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ସମ୍ପର୍କରେ କ'ଣ କହିବେ? ଇଣ୍ଡଷ୍ଟ୍ରୀକୁ ନେଇ ଯେଉଁ ନକାରାତ୍ମକ ଚିନ୍ତାଧାରା ରହିଛି, ସେ ନେଇ କ'ଣ କହିବେ?**

ଲୋକଙ୍କ ପସନ୍ଦ ବଦଳିବା ସହ ଫିଲ୍ମର ସ୍ୱାଦ ମଧ୍ୟ ବଦଳିଥାଏ। ସେଥିପାଇଁ ସବୁ ଇଣ୍ଡଷ୍ଟ୍ରୀର ଭଲ ଓ ଖରାପ ସମୟ ଥାଏ। ହେଲେ ଆମର ଦୁର୍ଭାଗ୍ୟ ଯେ, ଓଡ଼ିଆ ଇଣ୍ଡଷ୍ଟ୍ରୀର ଖରାପ ସମୟ ବହୁଦିନ ଧରି ଚାଲିଲାଣି। ଯେ ପର୍ଯ୍ୟନ୍ତ ଆମେ ମନ ଭିତରକୁ ଆଣିବାନି ଯେ ଆମକୁ କେତେ ଉଚ୍ଚକୋଟୀର ଫିଲ୍ମ କରିବାର ଅଛି, ସେ ପର୍ଯ୍ୟନ୍ତ ଆମକୁ କେହି ସାହାଯ୍ୟ କରିପାରିବେନି। ନିଜ ପ୍ରତି ଯେତେ ଆନ୍ତରିକତା ଓ ସଚ୍ଚୋଟ ରହିବ, ସେତେ ଆମେ ଉପରକୁ ଯିବା। ଜଣେ ନିର୍ମାତା ଓ କଳାକାର ଏ ସବୁକୁ ମନ ଭିତରକୁ ଆଣିଲେ ହିଁ ଉଚ୍ଚକୋଟୀର ଫିଲ୍ମ କରିପାରିବ। ବାକି ରହିଲା କପିପେଷ୍ଟ ଟ୍ରେଣ୍ଡ କଥା, ଏତିକି କହିବି ସିନେମା ଭଳି ଇଣ୍ଡଷ୍ଟ୍ରୀରେ A+B କିମ୍ବା ୨+୩ ଫର୍ମୁଲା କାମ କରେନା।

**ନିଜ ଜୀବନକୁ ନେଇ ଆପଣ ଅଧିକାଂଶ ଫିଲ୍ମ କରନ୍ତି ବୋଲି ମଧ୍ୟ ଶୁଣିବାକୁ ମିଳେ। ଏହା ସତ କି?**

ହଁ, ସତ। କାରଣ ମୁଁ ବହୁତ ବୁଲାବୁଲି କରେ। ଓଡ଼ିଶାର ଏମିତି କୌଣସି ପଞ୍ଚାୟତ ନାହିଁ, ଯେଉଁଠାକୁ ମୁଁ ଯାଇନି। ସମଗ୍ର ବିଶ୍ୱ ଭ୍ରମଣ କରିଛି। ଜୀବନ ଯାତ୍ରାରେ ଯାହାବି ମୁଁ ଦେଖେ ଓ ମୋ ସହ ଯାହା ହୁଏ, ତାକୁ ନେଇ ଫିଲ୍ମ କରେ। ମୁଁ ମୋ ନିଜ କାହାଣୀର ଏକ ଅଂଶ। ଯେତେବେଳେ ଫିଲ୍ମ କରେ, ମୁଁ ଭଲପାଉଥିବା ସବୁ କାମ ଛାଡ଼ିଦିଏ। ପୂରା ସମୟ ଫିଲ୍ମ ପଛରେ ଲଗାଇ ଦିଏ।

**ଆପଣଙ୍କ ନଜରରେ ଓଡ଼ିଶାର ଚିତ୍ର ଏବେ କିଭଳି ରହିଛି?**

ଏତିକି କହିବି ଯେ, ଓଡ଼ିଆଭାବେ ଆମ ସମସ୍ତଙ୍କର ଯାତ୍ରା ଗତ ୨୦/୩୦ ବର୍ଷ ହେଲା ବେଶ୍ ସହଜ ହୋଇଯାଇଛି। ଓଡ଼ିଶା ଯେଉଁଭଳି ଭାବେ ଉପରକୁ ଉଠିଛି, ତାହା ଅବର୍ଣ୍ଣନୀୟ। ସମଗ୍ର ଦେଶରେ ଓଡ଼ିଶା ସବୁଠାରୁ ସୁନ୍ଦର, ଆକର୍ଷଣୀୟ ଓ ଏକ ବିକାଶମୁଖୀ ରାଜ୍ୟ। ବିଶ୍ୱର ସବୁ ସହର ବୁଲିଛି। ହେଲେ ଭୁବନେଶ୍ୱର ଭଳି ସହର କେଉଁଠି ଦେଖିନି। ଆଗରୁ କହୁଥିଲେ ଯେ ପର୍ଯ୍ୟନ୍ତ ରାସ୍ତା ଭଲଅଛି ତାହା ଆନ୍ଧ୍ରର ବର୍ଡର। ଯେଉଁଠାରୁ ରାସ୍ତା ଖରାପ, ତାହା ଓଡ଼ିଶା। ଛତିଶଗଡ଼ କ୍ଷେତ୍ରରେ ମଧ୍ୟ ସମାନ ଅବସ୍ଥା ଥିଲା। ହେଲେ ଏବେ ପରିସ୍ଥିତି ପୂରା ଓଲଟା। ଯେଉଁଠାରୁ ରାସ୍ତା ଖରାପ ତାହା ଆନ୍ଧ୍ର ଓ ଯେଉଁଠି ରାସ୍ତା ଭଲ ତାହା ଓଡ଼ିଶା। ଆବୁଧାବିରୁ ଦୁବାଇ ରାସ୍ତାକୁ ବିଶ୍ୱର ସବୁଠାରୁ ଆକର୍ଷଣୀୟ ରାସ୍ତା କୁହାଯାଉଥିବା ବେଳେ ମୁଁ କହିବି ଆମ ଜୁନାଗଡ଼ରୁ ସୋନପୁର ରାସ୍ତା ତା'ଠାରୁ ବହୁଗୁଣରେ ସୁନ୍ଦର। ମୁଁ ନିଜେ ଏହା ଅନୁଭବ କରିଛି ଓ ଗର୍ବର ସହ କହୁଛି। ମୁଁ ମୋ ନିଜ ରାଜ୍ୟକୁ ଏବେ ଫେରିବାକୁ ଚାହୁଁଛି। ଆସନ୍ତା ଦୁଇବର୍ଷ ଭିତରେ ମୁଁ ଗାଁକୁ ଯାଇ ସେଠାରେ ରହିବାକୁ ଯୋଜନା ବି କରିଛି। କେବଳ ମୁଁ ନୁହେଁ, ମୋ ଭଳି ଅନେକ ଲୋକ ଓଡ଼ିଶା ଫେରିବାକୁ ଚାହୁଁଛନ୍ତି।

**ପଶ୍ଚିମ ଓଡ଼ିଶାକୁ ଅଣଦେଖା କରାଯିବା ନେଇ ଯେଉଁକଥା ଶୁଣିବାକୁ ମିଳୁଛି, ଜଣେ ପଶ୍ଚିମ ଓଡ଼ିଶାବାସୀ ହୋଇ ଆପଣ ତାହା ଅନୁଭବ କରିଛନ୍ତି କି?**

ଏହା ସମ୍ପୂର୍ଣ୍ଣ ଫାଲ୍‌ତୁ କଥା। ପଶ୍ଚିମ ଓଡ଼ିଶା ତ ବହୁତ ଉନ୍ନତ। ଆପଣ କୋରାପୁଟ, ମାଲକାନଗିରି ବି ଯାଆନ୍ତୁ, ସେଠାରେ ଦେଖିବେ ଓଡ଼ିଶା କେତେ ଆଗକୁ ଗଲାଣି। ମୁଁ ସବୁବେଳେ ଏହା କହିବାକୁ ଚାହେଁ ଯେ, ବର୍ତ୍ତମାନର ଯୁବବର୍ଗ ରାଜ୍ୟ ଓ ଦେଶରେ କ'ଣ ଘଟୁଛି ସେ ସମ୍ପର୍କରେ କିଛି ଜାଣନ୍ତି ନାହିଁ। ଆଦିବାସୀଙ୍କୁ ଏତେ ପ୍ରାଥମିକତା କେଉଁଠାରେ ଦିଆଯାଏ ନାହିଁ। ସମଗ୍ର ବିଶ୍ୱରେ ଜନଜାତି ଓ ବସ୍ତିବାସିନ୍ଦାଙ୍କୁ ସର୍ବାଧିକ ସୁବିଧା ସୁଯୋଗ ଓଡ଼ିଶାରେ ହିଁ ଦିଆଯାଉଛି। ଏହା ହିଁ ନୂଆ ଓଡ଼ିଶା। ହେଲେ ଦୁର୍ଭାଗ୍ୟର ବିଷୟ, ଆମେ ଏହା ଜାଣିବା ପରିବର୍ତ୍ତେ ଓଲଟା ଦୋଷ ଦେଉଛେ।

**ରାଜନୀତିରେ ପ୍ରବେଶ କରିବାର ଯୋଜନା ଅଛି କି?**

ଏବେ ତ ସେଭଳି କିଛି ଯୋଜନା ନାହିଁ। ହେଲେ ମୋତେ ଯେବେ ଅନୁଭବ ହେବ ଯେ, ମୁଁ ରାଜନୀତିରେ ପ୍ରବେଶ କରିବା କଥା, ସେତେବେଳେ ନିଶ୍ଚୟ ଯୋଗଦେବି।

**ଯୁବ ଫିଲ୍ମ ନିର୍ମାତାମାନଙ୍କୁ କ'ଣ ମେସେଜ୍ ଦେବେ?**

- ଯାହା ବି କରୁଛ, ପ୍ୟାସନ୍‌ର ସହ କର। ୟୁଟ୍ୟୁବ୍, ଫେସ୍‌ବୁକ୍‌ରେ କିଛିଟା ଲାଇକ୍ ଓ କମେଣ୍ଟ ପାଇବା ପାଇଁ କେବେ ଫିଲ୍ମ କରନି। ନେମ୍, ଫେମ୍ ପଛକଥା। ମୁଁ ଯେଉଁ ଫିଲ୍ମ କରେ, ତା' ପୂର୍ବରୁ କେବେ ଭାବେନା ଫିଲ୍ମକୁ ଲୋକେ ଦେଖିବେ ନା ନାହିଁ, ଭଲ ଚାଲିବ ନା ନାହିଁ। କେବଳ ପରିଶ୍ରମ କରିଚାଲେ। ତାହା ହିଁ ମୋ ଫିଲ୍ମକୁ ସଫଳ କରାଏ।

– ସାକ୍ଷାତ୍: ସସ୍ମିତା ପାଇକରାୟ